# BLOCK LEVEL CHILDREN SCIENCE CONGRESS 2023-24

BLOCK- TUREKELA DIST- BALANGIR

## GREEN TOILET CLEAN TOILET TO MAKE SWACHHA BHARAT SUCCESS A STUDY ON JHARANI VILLAGE


**CHILD SCIENTIST –LIJA MEHER**

**BAIJANTI MEHER**

**GUIDE TEACHER-ASHISH MISHRA**

**GRAM PANCHYAT PUBLIC HIGH SCHOOL JHARANI**







# Form-A

1. Title of the project: GREEN TOILET CLEAN TOILET TO MAKE SWACHHA BHARAT ABHIJAN SUCCESS A STUDY ON JHARANI VILLAGE

2. Name of the group leader and other members

| SL NO | Name of the child scientist | Class | Age | DOB | Sex | Rural/ Urban | Language used |
|---|---|---|---|---|---|---|---|
| 1 | LIJA MEHER | 10TH | 14 | 03/03/2010 | F | RURAL | ODIA |
| 2 | BAIJANTI MEHER | 10TH | 15 | 22/07/2009 | F | RURAL | ODIA |

3. Name of the school with complete address and telephone Number :

GRAM PANCHAYAT PUBLIC HIGH SCHOOL JHARANI

AT/PO-JHARANI VIA –KANTABANJI Dist- Balangir Pin-767060 Odisha

Mob No- 9938865691

4. Name and Address of the guide Teacher:

ASHISH MISHRA (MA.BscBEd) science Teacher

GRAM PANCHAYAT PUBLIC HIGH SCHOOL JHARANI

## ଉପକ୍ରମ :

ଟିରଗୀ ଗ୍ରାମ ବଲାଙ୍ଗୀର ଜିଲ୍ଲାର ତୁରେକେଲା ବ୍ଲକ ଅନ୍ତର୍ଗତ ପ୍ରାକୃତିକ ପରିବେଶ ଭରପୁର ରେ ଏକ ସୁନ୍ଦର ଗ୍ରାମ । ଏହା ୨୦.୫୨ ଅକ୍ଷାଂଶରେ ଏବଂ ୮୨.୮୪ ଦ୍ରାଘିମାରେ ଅବସ୍ଥିତ ଗ୍ରାମର ଲୋକ ସଂଖ୍ୟା ପ୍ରାୟ ୩୨୮୦ ସାକ୍ଷରତା ହାର ୬୪% ( ସଂଗୃହୀତ ତଥ୍ୟ ଅନୁଯାୟୀ ) ୨୦୧୪ ମସିହା ପୂର୍ବରୁ ୪୪୮ ପରିବାର ମଧ୍ୟରୁ ୧୬୮ ପରିବାର ଘରେ ଶୌଚାଳୟ ଥିଲା । ଭାରତ ସରକାରଙ୍କ ସ୍ୱଚ୍ଛଭାରତ ଅଭିଯାନ ଫଳ ସ୍ୱରୂପ ଏହା ବଢି ବର୍ତ୍ତମାନ ୩୮୬ ରେ ପହଞ୍ଚିଛି । ବର୍ତ୍ତମାନ ମଧ୍ୟ ୧୫୦ ରୁ ଅଧିକ ପରିବାର ପାଖରେ ଶୌଚାଳୟ ନାହିଁ । ସ୍ୱଚ୍ଛ ଭାରତର ଅଭିଯାନ ସତ୍ତ୍ୱେ ଆମ ଗ୍ରାମର ପରିବେଶ ବାହ୍ୟ ମଳମୂତ୍ର ଯୋଗୁଁ ଦୂଷିତ ହେଉଛି । ଯାହାକୁ କି ଆମେ ଗୋଟିଏ ସମସ୍ୟା ରୂପେ ଗ୍ରହଣ କରିଥିଲୁ ଏବଂ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ବିଚାର ବିମର୍ଷ କରି ସ୍ୱଚ୍ଛଭାରତ ଅଭିଯାନ ର ଉପଯୋଗ ପ୍ରଣାଳୀ ରେ କିଛି ପରିବର୍ତ୍ତନ ସମ୍ଭାବନା ଥିବା ଆମେ ମନେ କରୁଛୁ ।

ସ୍ୱାସ୍ଥ୍ୟ ହିଁ ସମ୍ପଦ ଆମ ଚତୁଃପାର୍ଶ୍ୱର ପରିବେଶ ସଫା ରହିଲେ ହିଁ ଆମେ ସୁସ୍ଥ ରହିପାରିବା ଏବଂ ଖୋଲାରେ ମଳମୂତ୍ର ତ୍ୟାଗ କୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଡ଼ିବ । ଏହି ଉଦ୍ଦେଶ୍ୟ ନେଇ ଆମ ଭାରତର ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଥିଲେ । ଆବର୍ଜନା ସଫା ସହିତ ପୋଲିଥିନ ବ୍ୟବହାର କମାଇବା ଶୌଚାଳୟ ବ୍ୟବହାର କରିବାକୁ ଲୋକଙ୍କୁ ପ୍ରସାହିତ କରିବା ଏହାର ଉଦ୍ଦେଶ୍ୟ ଯାହା କି ବର୍ତ୍ତମାନ ସାରା ଭାରତରେ ସଫଳତା ସହିତ ଆଗେଇ ଚାଲିଛି । କିନ୍ତୁ ଏହି ଯୋଜନା କାର୍ଯ୍ୟ କରିବାକୁ ଆହୁରି ଭଲ କରାଯାଇ ୧୦୦% ସଫଳତା କରାଯାଇ ପାରିବ ।

## ଉଦ୍ଦେଶ୍ୟ

୧. ପ୍ରକଳ୍ପ ଅଧୀନରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ତିଆରି ହୋଇଥିବା ସଂଖ୍ୟା ନିରୂପଣ କରିବା ।

୨. ତିଆରି ହୋଇଥିବା ଶୌଚାଳୟ ଙ୍କ ମଧ୍ୟରେ ପ୍ରକୃତ ବ୍ୟବହାର ହେଉଥିବା ଶୌଚାଳୟ ସଂଖ୍ୟା ବାହାର କରିବା ।

୩. ତିଆରି ହୋଇଥିବା ଶୌଚାଳୟର ବ୍ୟବହାର ହେଉନଥିବା କାରଣ ନିର୍ଣ୍ଣୟ କରିବା ।

୪. ଘରେ ଶୌଚାଳୟ ଥାଇ କିଛି ସଦସ୍ୟ ତାହାକୁ ବ୍ୟବହାର କାହିଁକି କରୁନାହାନ୍ତି ତାହାର କାରଣ ଅଧ୍ୟୟନ କରିବା ।

୫. ପ୍ରକଳ୍ପ ଅଧୀନରେ ସ୍ୱଚ୍ଛଭାରତ ଅଭିଯାନ ରେ ତିଆରି ହୋଇଥିବା ଶୌଚାଳୟ କାର୍ଯ୍ୟକାରିତା ବଢେଇବା ପାଇଁ ଶୌଚାଳୟରେ ଆଉ କଣ ପରିବର୍ତ୍ତନ କରାଯାଇ ପାରିବ ତାହା ନିର୍ଣ୍ଣୟ କରିବା ।

## ତଥ୍ୟ ସଂଗ୍ରହ ପ୍ରଣାଳୀ

ଆମେ ଏହି ପ୍ରକଳ୍ପ କାର୍ଯ୍ୟ ପାଇଁ ପ୍ରଶ୍ନାବଳୀ ମାଧ୍ୟମରେ ପରିବାର ପ୍ରାୟ ୨୪୮ ଟି ପରିବାର ତଥ୍ୟ ସଂଗ୍ରହ କରିଥିଲୁ । ଲୋକଙ୍କ ସହିତ ଆଲୋଚନା ତଥା କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ତଥ୍ୟ ସଂଗ୍ରହ କରିଥିଲୁ । ସଂଗୃହୀତ ତଥ୍ୟକୁ ଆମେ ଆଲୋଚନା କରି ବିଭିନ୍ନ ଚାର୍ଟ ଏବଂ ଗ୍ରାଫରେ ଦର୍ଶାଇଥିଲୁ ।

## ତଥ୍ୟ ବିଶ୍ଳେଷଣ

ଆମ ଚିଙ୍ଗା ଗ୍ରାମ ଯଦି ଓ ପଛୁଆ ଅଞ୍ଚଳରେ ଅବସ୍ଥିତ ଲୋକଙ୍କର ସାକ୍ଷର ହାର ଏବଂ ଅର୍ଥନୈତିକ ସ୍ଥିତି ଖୁବ ଭଲ ଚିଙ୍ଗା ଗ୍ରାମ ରେ ସ୍ୱଚ୍ଛଭାରତ ଅଭିଯାନ ପୂର୍ବରୁ ପ୍ରାୟ ୩୦% ଘରେ ଶୌଚାଳୟ ଥିଲା ଯାହା ବର୍ତ୍ତମାନ ସରକାରଙ୍କ ପ୍ରଚେଷ୍ଟାରେ ୭୨% ରେ ପହଞ୍ଚିଛି କିନ୍ତୁ ଗ୍ରାମ ସବୁଜିମା ପରିବେଶରେ ଯେତିକି ସ୍ୱଚ୍ଛତା ଆଶା କରାଯାଉଥିଲା ତାହା ଦେଖାଯାଉ ନାହିଁ । ତାହାର କାରଣ ଗୁଡ଼ିକ ହେଲା :-

୧. **ଜଳର ଅଭାବ** ଲୋକଙ୍କ ପାଖରେ ଶୌଚାଳୟ ଥିଲେ ମଧ୍ୟ ପ୍ରାୟ ୧୫% ଶୌଚାଳୟ ଜଳଉତ୍ସର ଦୂରତା କିମ୍ବା ଅଭାବ ଯୋଗୁଁ କାର୍ଯ୍ୟରେ ଲାଗିପାରୁ ନାହିଁ । ଶୌଚାଳୟରେ ପ୍ରାୟ ଥରକେ ୧୦ ରୁ ୧୫ ଲିଟର ପାଣି ଆବଶ୍ୟକ ହେଉଥିବାରୁ ସମସ୍ୟା ସୃଷ୍ଟି କରୁଛି ।

୨. **ପୁରୁଣା ଅଭ୍ୟାସ** ପ୍ରାୟ ୦୬% ବୟସ୍କ ଲୋକ ଅଭ୍ୟାସଗତ କାରଣରୁ ଶୌଚାଳୟ ବ୍ୟବହାର କରିବାକୁ କୁଣ୍ଠାବୋଧ କରୁଛନ୍ତି । କିଛି ପରିବାର(୦୫%) ଶୌଚାଳୟକୁ ଏକ ଅପବିତ୍ର ସ୍ଥାନ ଭାବି ଘରରୁ ଦୂରରେ ତିଆରି କରିଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ ।

୩. **ଶାରୀରିକ ଅକ୍ଷମତା** ପ୍ରାୟ ୦୮.୫% ଲୋକ ଯଥା ଭିନ୍ନ କ୍ଷମ ଚାଲାବୁଲା କରି ପାରୁନଥିବା ବୟସ୍କ ଏବଂ ୧ ରୁ ୫ ବୟସର ଛୋଟପିଲା ପାଇଁ ବର୍ତ୍ତମାନର ଶୌଚାଳୟ ବିଶେଷ ଉପଯୋଗୀ ହେଉପାରୁନାହିଁ ।

୪. **ମରାମତି ଓ ପରିଚାଳନା** ସର୍ବସାଧାରଣ ସ୍ଥାନରେ ଥିବା ୮୦% ଶୌଚାଳୟ ମରାମତି ତଥା ଦୈନନ୍ଦିନ ପରିଚାଳନାର ଅଭାବ ଯୋଗୁଁ ବହୁତ କମ୍ ଦିନ ମଧ୍ୟରେ ବ୍ୟବହାର ଅନୁପଯୋଗୀ ହୋଇଯାଉଛି ।

୫. **କାର୍ଯ୍ୟକାରିତାରେ ଅସୁବିଧା** ସ୍ୱଚ୍ଛଭାରତ ଅଭିଯାନରେ ଗୃହହୀନ ତଥା ଯାଯାବର ଜୀବନଯାପନ କରୁଥିବା ପରିବାରଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ । ଶୌଚାଳୟ ତିଆରି ସମୟରେ ଜଳଉତ୍ସ କୁ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି ।

ପରାମର୍ଶ

ଝିରଣୀ ଗ୍ରାମର ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକାରୀ ହେଲା ପରେ ମଧ୍ୟ ପରିବେଶ ଯେତେ ସଫାରହିବା କଥା ତାହା ରହୁନାହିଁ । ବର୍ତ୍ତମାନ ମଧ୍ୟ ଲୋକ ବାହାରେ ମଳମୂତ୍ର ତ୍ୟାଗ କରୁଛନ୍ତି । ଏଣୁ ଏହି ସ୍ଥିତି କୁ ସୁଧାରିବା ପାଇଁ କିଛି ବ୍ୟକ୍ତିଗତ, ସାମୂହିକ ତଥା ସରକାରୀ ବେସରକାରୀ ବିଭିନ୍ନଆଦି ଯୋଜନା ପ୍ରସ୍ତୁତି କରିବାକୁ ହେବ ।

୧. ପ୍ରତ୍ୟେକ ପରିବାରରେ ଅନନ୍ୟ ଗୋଟିଏ ଶୌଚାଳୟ ରହିବା ନିହାତି ଆବଶ୍ୟକ ।

୨. ଶୌଚାଳୟ ରେ ପାହାଚ ନ ଦେଇ ତାହାକୁ ଗଡାଣିଆ କରି ଭିନ୍ନକ୍ଷମ ତଥା ବୟସ୍କ ଲୋକମାନଙ୍କ ବ୍ୟବହାର ଉପଯୋଗୀ କରିବା ଆବଶ୍ୟକ ।

୩. ୧ ରୁ ୪ ବର୍ଷ ବୟସର ପିଲାମାନଙ୍କ ପାଇଁ ବେଲ୍ଟ ଲାଗିଥିବା ଗୋଟିଏ ସ୍ୱତନ୍ତ୍ର ଚୌକି (ଯାହା ପ୍ୟାନ ଉପରେ ରଖାଯାଇ ପାରୁଥିବ) ର ଆବଶ୍ୟକତା ଅଛି ।

୪. ଶୌଚାଳୟ ପର୍ଯ୍ୟନ୍ତ ଗୋଟିଏ ରେଲିଙ୍ଗ ଓ ରେମ୍ପ ର ବ୍ୟବସ୍ଥା କଲେ ଏହା ଭିନ୍ନକ୍ଷମ ମାନଙ୍କ ପାଇଁ ବେଶି ଉପଯୋଗୀ ହୋଇପାରିବ ।

୫. ବହୁତ ଗୁଡ଼ାଏ ଶୌଚାଳୟ ଜଳ ଉତ୍ସରୁ ତଥା ଘରଠାରୁ ଦୂରରେ ଥିବାରୁ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ । ଏଣୁ ଶୌଚାଳୟ ସହିତ ସୌର ଚାଳିତ ପାଣି ଟାଙ୍କିର ଆବଶ୍ୟକତା ରହିଛି ।

୬. ଗ୍ରାମାଞ୍ଚଳରେ ଗୋଟିଏ ଲିଟର ପାଣିରେ ଶୌଚକର୍ମ ସରିବାରେ ଅଭ୍ୟସ୍ତ ଲୋକ ମାନଙ୍କ ପାଇଁ ବର୍ତ୍ତମାନର ଶୌଚାଳୟ ଯେଉଁଠାରେ ୧୦ ରୁ ୨୦ ଲିଟର ପାଣିର ଆବଶ୍ୟକତା ରହିଛି ତାହା ଗ୍ରହଣୀୟ ହୋଇପାରୁନାହିଁ । ଏଣୁ ଶୌଚାଳୟରେ Vaccume pump କିମ୍ବା Air blow ବ୍ୟବହାର କରି ଜଳ ବ୍ୟବହାର କୁ କମାଯାଇ ପାରିବ ।

୭. ରୋଲିଙ୍ଗ Oil paper ବ୍ୟବହାର କରି ମଧ୍ୟ ନିର୍ଜଳିୟ ଶୌଚାଳୟ ତିଆରି କରାଯାଇ ପାରିବ ।

୮. ବାସହିନ ତଥା କମ୍ ଜାଗା ଥିବା ପରିବାର ପାଇଁ Movable Biotoilet ବେଶି ଉପଯୋଗୀ ହୋଇପାରିବ ।

୯. ପ୍ରତ୍ୟେକ ଗ୍ରାମରେ ଜଳଉତ୍ସ ନିକଟରେ ସର୍ବସାଧାରଣଙ୍କ ପାଇଁ ଗୋଷ୍ଠୀ ଶୌଚାଳୟ ଆବଶ୍ୟକ ।

୧୦. ବେସିନ୍ ର ମୁହଁ ଧୁଆ ପାଣି ତଥା ଗାଧୁଆ ପାଣିକୁ ସଞ୍ଚୟ କରି ମଧ୍ୟ ଶୌଚାଳୟ ରେ ବ୍ୟବହାର କରାଯାଇ ପାରିବ । ଯାହାକି ସ୍କୁଲ ଅଙ୍ଗନୱାଡ଼ି ତଥା ଅନ୍ୟାନ୍ୟ ସାମୂହିକ ସ୍ଥାନର ଶୌଚାଳୟ କୁ ସବୁବେଳେ ବ୍ୟବହାର ଉପଯୋଗୀ ହୋଇ ପାରିବ । ଏହି ସ୍ୱୟଂ ଚାଳିତ ମାଧ୍ୟମରେ ଶୌଚାଳୟକୁ ପ୍ରବେଶ କଲା ମାତ୍ରେ ଶୌଚାଳୟ ରେ ପାଣି ପଡ଼ିବାର ବ୍ୟବସ୍ଥା କଲେ ଶୌଚାଳୟ ପ୍ରକୃତରେ ସ୍ୱଚ୍ଛ ହୋଇପାରିବେ ।

୧୧. କେବଳ ଶୌଚାଳୟ ତିଆରିରେ ଅଭିଯାନ ସୀମିତ ନ ହୋଇ ସମସ୍ତଙ୍କୁ ଶୌଚାଳୟ ବ୍ୟବହାର କରିବା ପାଇଁ ସଚେତନ କରିବାର ଆବଶ୍ୟକତା ରହିଛି ତା ଛଡ଼ା ପରବର୍ତ୍ତୀ ସମୟରେ ମରାମତି ଓ ରକ୍ଷଣାବେକ୍ଷଣ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ।

| ତିଆରି ସମୟ | ବ୍ୟବହାର ରେ ଲାଗୁଥିବା | ଅବ୍ୟବହାର ହୋଇ ରହିଥିବା | ଅନ୍ୟାନ୍ୟ | ମୋଟ |
|---|---|---|---|---|
| 2014 ମସିହା ଆଗରୁ | 155 | 13 | 0 | [illegible] |
| 2014 ମସିହା ପରେ | 125 | 133 | 0 | 258 |
| ମୋଟ | 280 | 146 | 0 | 426 |

ଝରଣୀ ଗ୍ରାମ ରେ ଶୌଚାଳୟ ବ୍ୟବହାର କରୁ ନ ଥିବା କାରଣ

| କାରଣ | ପୁରୁଷ | ମହିଳା | ଅନ୍ୟାନ୍ୟ | ମୋଟ |
|---|---|---|---|---|
| ଶୌଚାଳୟ ର ପରିଚାଳନା ଗତ ସମସ୍ୟା | 59 | 60 | 0 | 119 |
| ଶାରୀରିକ ଅକ୍ଷମତା | 54 | 35 | 0 | 89 |
| ଶୌଚାଳୟ ର ଦୂରତା | 55 | 38 | | 93 |
| ପାଣି ର ଅସୁବିଧା | 259 | 210 | | 469 |
| ସଚେତନତା ର ଅଭାବ | 58 | 36 | | 94 |
| ଶୌଚାଳୟ ର ଅଭାବ | 92 | 85 | | 177 |
| ମୋଟ | 577 | 464 | 0 | 1041 |

ଝରଣୀ ଗ୍ରାମ ର ଅବ୍ୟବହୃତ ହୋଇ ପଡିଥିବା ଶୌଚାଳୟ ସଂଖ୍ୟା

| କାରଣ | ଶୌଚାଳୟ ସଂଖ୍ୟା |
|---|---|
| ପରିଚାଳନା ଓ ମରାମତି | 13 |
| ଅବସ୍ଥିତି | 26 |
| ସଚେତନତା ର ଅଭାବ | [illegible] |
| ପାଣି ର ଅଭାବ | [illegible] |
| ଶାରିରୀକ ଅକ୍ଷମତା | 3 |

## ଝରଣୀ ଗ୍ରାମ ର ଜନସଂଖ୍ୟା

| ବୟସ | ପୁରୁଷ | ମହିଳା | ଅନ୍ୟାନ୍ୟ | ମୋଟ |
|---|---|---|---|---|
| 0 ରୁ 6 ବର୍ଷ | 58 | 70 | 0 | 128 |
| 6 ବର୍ଷ ରୁ 60 ବର୍ଷ | 1345 | 1470 | 0 | 2615 |
| 60 ବର୍ଷ ରୁ ଅଧିକ | 155 | 182 | | 337 |
| ମୋଟ | 1558 | 1722 | 0 | 3280 |

## ଗ୍ରାମ ଶୌଚାଳୟ ସଂଖ୍ୟା

| ତିଆରି ସମୟ | ନିଜ ଖରଚ ରେ | ସରକାରୀ ସହାୟ | ଅନ୍ୟାନ୍ୟ | ମୋଟ |
|---|---|---|---|---|
| 2014 ମସିହା ଆଗରୁ | 163 | 5 | 0 | 168 |
| 2014 ମସିହା ପରେ | 38 | 220 | 0 | 258 |
| ମୋଟ | 201 | 225 | 0 | 426 |


## ଝରଣୀ ଗାମ ର ଶୌଚାଳୟ ବ୍ୟବହାର କରୁ ନ ଥିବା ଜନସଂଖ୍ୟା

| ବୟସ | ପୁରୁଷ | ମହିଳା | ଅନ୍ୟାନ୍ୟ | ମୋଟ |
|---|---|---|---|---|
| 0 ରୁ 6 ବର୍ଷ | 65 | 53 | 0 | 118 |
| 6 ବର୍ଷ ରୁ 60 ବର୍ଷ | 380 | 317 | 0 | 697 |
| 60 ବର୍ଷ ରୁ ଅଧିକ | 109 | 99 | 0 | 208 |
| ମୋଟ | 554 | 469 | 0 | 1023 |

Y AXIS - 1CM = 100 Unit




Y = AXIS 1CM = 20 UNIT





NO OF TOILETS →


Y AXIS 1CM = 15 UNIT




Y AXIS - 1CM = 10UNIT





STATUS OF TOILET


260
240
220
200
180
160
140
120
100
80
60
40
20
Y-AXIS 1CM = 20 Unit



# MAP OF SHARANI VILLAGE



## ତଥ୍ୟ ସଂଗ୍ରହ ପ୍ରଶ୍ନାବଳୀ

ତାରିଖ: . . . .

୧. ଘରର ମୁଖ୍ୟଙ୍କ ନାମ -

୨. ପରିବାର ର ମୋଟ୍ ସଦସ୍ୟ ସଂଖ୍ୟା ପୁ ____ ସ୍ତ୍ରୀ ____

୦ ରୁ ୫ ବର୍ଷ ର ସଦସ୍ୟ ସଂଖ୍ୟା ପୁ ____ ସ୍ତ୍ରୀ ____

୬୦ ବର୍ଷ ରୁ ଅଧିକ ସଦସ୍ୟ ସଂଖ୍ୟା ପୁ ____ ସ୍ତ୍ରୀ ____

ଭିନ୍ନକ୍ଷମ ସଦସ୍ୟ ସଂଖ୍ୟା ପୁ ____ ସ୍ତ୍ରୀ ____

୩. ଘରର ମୋଟ କୋଠରୀ ସଂଖ୍ୟା ---

୪. ଘରେ ଶୌଚାଳୟ ଅଛି କି ନାହିଁ - ହଁ/ନା

ଯଦି ଅଛି କେତେ ବର୍ଷ ପୁରୁଣା ______

ଶୌଚାଳୟ ନିଜେ ତିଆରି କରିଛନ୍ତି / ସରକାରୀ ପ୍ରୋତ୍ସାହନରେ ତିଆରି ହୋଇଛି

୫. ପରିବାରର ସମସ୍ତ ଶୌଚାଳୟ ବ୍ୟବହାର କରୁଛନ୍ତି କି / ନା

ଯଦି ନା କେତେ ଜଣ କରୁନାହାଁନ୍ତି ____

୬. ଘରେ ପାଣିର ଉତ୍ସ କିମ୍ବା ସଂଯୋଗ ଅଛି କି • ହଁ/ନା

ଯଦି ନା କେଉଁ ଉତ୍ସରୁ ପାଣି ବ୍ୟବହାର କରୁଛନ୍ତି ____

ସେହି ଜଳଉତ୍ସ ଘରଠାରୁ ଦୂରତା କେତେ ____

୭. ଘର ଠାରୁ ଶୌଚାଳୟର ଦୂରତା କେତେ ____

୮. ଶୌଚାଳୟ ପାଖରେ ପାଣିର ଉତ୍ସ ଅଛି କି - ହଁ /ନା

୯. ଶୌଚାଳୟ ବ୍ୟବହାର କରିବାରେ କୌଣସି ସମସ୍ୟା ଅସୁବିଧା ଅନୁଭବ କରୁଛନ୍ତି କି- ହଁ /ନା

ଯଦି ହେଉଛି କି ପ୍ରକାର ଅସୁବିଧା ____

୧୦. ଶୌଚାଳୟ କୁ ଆହୁରି କିପରି ପରିବେଶ ତଥା ସମାଜ ର ସବୁବର୍ଗ ଲୋକମାନଙ୍କ ପାଇଁ ଉପଯୋଗୀ କରାଯାଇ ପାରିବ ?

ମତାମତ :-

ଘରର ମୁଖ୍ୟଙ୍କ ଦସ୍ତଖତ










## *REFERENCE*


1.Leaflet of govt of India about swachhaBharat Abhiyan

2.Biotoilet structure and function from GOOGLE https//www.jagaranjosh.com

3.Waterless toilet article of https//science.howsstuffworks.com on GOOGLE